# NATIONAL NEWS BULLETIN (ODIA)

## 10 February - 2026

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଦେଶର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବା ସହିତ ଜନଜାତି ପରମ୍ପରାକୁ ସଶକ୍ତ କରିବା ଦିଗରେ ବସ୍ତର ପାଣ୍ଡୁମ୍ ମହୋତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ କହିଲେ ପ୍ରଧାନମନ୍ତ୍ରୀ ।
- ସାଇବର ନିରାପତ୍ତା ସମ୍ପର୍କରେ ଅଧିକ ଜନସଚେତନତାର ଆବଶ୍ୟକତା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଲୋକସଭା ବାଚସ୍ପତିଙ୍କ ବିରୁଦ୍ଧରେ ସେକ୍ରେଟାରୀ ଜେନେରାଲଙ୍କୁ ଅନାସ୍ଥା ପ୍ରସ୍ତାବ ନୋଟିସ୍ ଦେଲେ ବିରୋଧି ଦଳ ।
- ଆସନ୍ତା ୧୭ ତାରିଖରୁ ତିନି ଦିନିଆ ଭାରତ ଗସ୍ତରେ ଆସିବେ ଫ୍ରାନ୍ସ ରାଷ୍ଟ୍ରପତି ।

ଏବଂ

- ଟି-ଟ୍ୱେଣ୍ଟି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ଆଜିର ତୃତୀୟ ମ୍ୟାଚ୍‌ରେ ପାକିସ୍ତାନ ବିପକ୍ଷରେ ଟସ୍ ଜିତି ଆମେରିକାର ଫିଲ୍ଡିଂ ନିଷ୍ପତ୍ତି ।

## ପିଏମ୍- ବସ୍ତର ପାଣ୍ଡୁମ୍

ଦେଶର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବା ସହ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଦିଗରେ ବସ୍ତର ପାଣ୍ଡୁମ୍ ଭଳି ମହୋତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଏହି ମହୋତ୍ସବ ବସ୍ତରର ସମୃଦ୍ଧ ଜନଜାତି ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରାର ପ୍ରତୀକ ଅଟେ । ପୂର୍ବରୁ ବସ୍ତର ନାମ ସହିତ ମାଓବାଦୀ, ହିଂସା ଏବଂ ଅନଗ୍ରସରତା ଯୋଡ଼ି ହୋଇ ରହିଥିଲା । ମାତ୍ର ଗତ ୧୧ ବର୍ଷ ମଧ୍ୟରେ ସ୍ଥିତିରେ ପରିବର୍ତ୍ତନ ଆସିଛି । ବର୍ତ୍ତମାନ ବିକାଶ ଏବଂ ସ୍ଥାନୀୟ ଜନତାଙ୍କ ବର୍ଦ୍ଧିଷ୍ଣୁ ଆତ୍ମବିଶ୍ୱାସର ପ୍ରତୀକ ଭାବେ ବସ୍ତର ସହର ନିଜର ପରିଚୟ ସୃଷ୍ଟି କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗତ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଛତିଶଗଡ଼ର ଏହି ମହୋତ୍ସବ ଲାଗି ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଦିନ ଗୁଡ଼ିକ ସେମାନଙ୍କ ଲାଗି ଶାନ୍ତି, ପ୍ରଗତୀ ଓ ସମୃଦ୍ଧିର ବାର୍ତ୍ତା ବହନ କରିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଶା ପ୍ରକାଶ କରିଛନ୍ତି ।

## ଶାହା-ସାଇବର

ସାଇବର ନିରାପତ୍ତା ଦେଶର ସୁରକ୍ଷା ସହିତ ସଂଯୋଗ ହୋଇଥିବା ଦୃଷ୍ଟିରୁ ଏ ଦିଗରେ ଅଧିକ ଜନସଚେତନତାର ଆବଶ୍ୟକତା ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୁରୁତ୍ୱାରୋପ କରିଛନ୍ତି । ଦେଶରେ ସାଇବର ଠକେଇ ସମ୍ପର୍କିତ ସୂଚନା ସହଜରେ ଆଦାନପ୍ରଦାନ କରିବା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀ ଠାରେ ସିବିଆଇ ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ଦେଶରୁ ସାଇବର ଅପରାଧକୁ ମୂଳୋତ୍ପାଟନ କରିବା ଦିଗରେ ସରକାର ବିବିଧ ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି । ଏହା ବିରୁଦ୍ଧରେ ପଦକ୍ଷେପ ନେବା ଦିଗରେ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଏହି କେନ୍ଦ୍ରର କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି, ଗତବର୍ଷ ନଭେମ୍ବର ୩୦ ସୁଦ୍ଧା ୮୨ ଲକ୍ଷ ସାଇବର ଅପରାଧ ଅଭିଯୋଗ ଦାଖଲ କରାଯାଇଥିଲା । ସେଥିମଧ୍ୟରୁ ୧ଲକ୍ଷ ୮୪ ହଜାରଟି ଅଭିଯୋଗରେ ଏଫ୍.ଆଇ.ଆର୍. ଦିଆଯିବା ସହିତ ଅନେକ ଗୁଡ଼ିଏ ଅଭିଯୋଗର ସମାଧାନ ମଧ୍ୟ କରାଯାଇପାରିଛି । ସେହିଭଳି ଗତବର୍ଷ

ଡିସେମ୍ବର ସୁଦ୍ଧା ୧୨ ଲକ୍ଷ ସିମ୍‌କାର୍ଡ଼କୁ ରଦ୍ଦ କରାଯାଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଛନ୍ତି ।

ସାଇବର ଅପରାଧ ଏବଂ ଏ ସମ୍ପର୍କିତ ଠକାମିକୁ ରୋକିବା ଦିଗରେ ସମସ୍ତ ସରକାରୀ ବିଭାଗର ମିଳିତ ଦାୟିତ୍ୱ ରହିଛି ବୋଲି ଶ୍ରୀ ଶାହା କହିଛନ୍ତି । ଏହି ଅପରାଧ ତଥା ଠକାମିକୁ ରୋକିବା ଦିଗରେ ନ୍ୟାୟପାଳିକା ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଭୂମିକା ଉପରେ ଆଲୋକପାତ କରି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି –

**VO-1-SANSKRIT-AMIT-SHAH-CYBER**

# ଅପୋଜିସ୍–ନୋ କନ୍‌ଫାଇଡେସନ୍

ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୁଦ୍ଧରେ ବିରୋଧୀ ଦଳ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ନୋଟିସ୍ ଦିଆଯାଇଛି । ଲୋକସଭା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବିରୋଧି ଦଳଙ୍କର ଏହି ନୋଟିସ୍ ଲୋକସଭାର ସେକ୍ରେଟେରୀ ଜେନେରାଲଙ୍କ ନିକଟରେ ଦାଖଲ କରାଯାଇଛି । ଆଇନ୍ ଅନୁଯାୟୀ ଏହି ନୋଟିସ୍‌କୁ ପରୀକ୍ଷା କରାଯିବା ପରେ ଏ ସମ୍ପର୍କରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି ନୋଟିସ୍‌ରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ କଂଗ୍ରେସ, ଡି.ଏମ୍.କେ., ସମାଜବାଦୀ ପାର୍ଟି,

ଆର୍.ଜେ.ଡି. ଏବଂ ବାମପନ୍ଥୀ ଦଳଗୁଡ଼ିକ ସ୍ୱାକ୍ଷର କରିଥିବା ବେଳେ ତୃଣମୂଳ କଂଗ୍ରେସ ଏଥିରୁ ବିରତ ରହିଛି ।

## ମାକ୍ରୋନ ଭିଜିଟ୍

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ଆସନ୍ତା ୧୭ ତାରିଖରୁ ଭାରତ ଗସ୍ତରେ ଆସିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମାକ୍ରନ ଏହି ତିନି ଦିନିଆ ଗସ୍ତ କରୁଥିବା ଜଣାପଡ଼ିଛି । ଏହି ଗସ୍ତ ଅବସରରେ ସେ ଆସନ୍ତା ୧୯ ତାରିଖ ଦିନ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏ.ଆଇ. ଇମ୍ପାକ୍ଟ ସମିଟ୍‌ରେ ଯୋଗଦେବେ । ତାଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଶ୍ରୀ ମାକ୍ରନଙ୍କ ଗସ୍ତ ଅବସରରେ ସେ **HORIZON**-୨୦୪୭ ରୋଡ୍ ମ୍ୟାପ୍ ଅନୁଯାୟୀ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଦ୍ୱିପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ ଆଲୋଚନା କରିବେ । ଉଭୟ ନେତା ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସହଯୋଗ, ବିଭିନ୍ନ ଆପୋଷ ସ୍ୱାର୍ଥ ଜଡ଼ିତ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ମଧ୍ୟ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

ଏତଦ୍ ବ୍ୟତୀତ ମୁମ୍ବାଇ ଠାରେ ଅନୁଷ୍ଠିତ ହେବାକୁ ଥିବା "ଭାରତ-ଫ୍ରାନ୍ସ ନବସୃଜନତାର ବର୍ଷ"କୁ ଉଭୟ ନେତା ମିଳିତ ଭାବେ ଉଦ୍‌ଘାଟନ

କରିବେ । ଚଳିତ ବର୍ଷ ଏହା ଦୁଇ ଦେଶରେ ପାଳନ କରାଯିବ । ଗତ ବର୍ଷ ଫେବୃୟାରୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଫ୍ରାନ୍ସ ଗସ୍ତ ପରେ ଶ୍ରୀ ମାକ୍ରନଙ୍କର ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଥିବା ରଣନୈତିକ ଭାଗିଦାରୀ ଓ ଏ ଦିଗରେ ଥିବା ମିଳିତ ପ୍ରତିଶ୍ରୁତିବଦ୍ଧତାକୁ ଅଧିକ ସଶକ୍ତ କରୁଛି ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।

## ୟୁନିୟନ୍ ବଜେଟ୍

୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ଉପରେ ଆଜି ଲୋକସଭାରେ ଆଲୋଚନା କରାଯାଇଛି । କଂଗ୍ରେସ ସାଂସଦ ଶଶି ଥରୁର ଆଲୋଚନା ଆରମ୍ଭ କରି ଚଳିତ ବଜେଟ୍‌କୁ ବ୍ୟକ୍ତିଗତ ଟିକସଦାତାଙ୍କ ଉପରେ ଏକ ବୋଝ ଭାବେ ଅଭିହିତ କରିବା ସହିତ ଏହା କର୍ପୋରେଟ୍ ଗୁଡ଼ିକୁ ସୁହାଉଛି ବୋଲି ମତବ୍ୟକ୍ତ କରିଛନ୍ତି ।

ଆଲୋଚନାରେ ଅଂଶଗ୍ରହଣ କରି ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହି ବଜେଟ୍ ମାଧ୍ୟମରେ ସରକାରଙ୍କ ଜନସେବା ଦିଗରେ ନିଜର ଦୃଢ଼ତା ଏବଂ ପ୍ରତିଶ୍ରୁତିବଦ୍ଧତା ପ୍ରତିଫଳିତ ହେଉଛି ବୋଲି କହିଛନ୍ତି । ଏହାଛଡ଼ା ବିଭିନ୍ନ ଦେଶ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିବା ଲାଗି ସେ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏହି ପରିବର୍ତ୍ତନଶୀଳ ବିଶ୍ୱରେ ଏହାଦ୍ୱାରା ଭାରତ ନିଜର ସାମର୍ଥ୍ୟକୁ

ପ୍ରତିପାଦିତ କରିପାରିଛି ବୋଲି ସେ କହିଛନ୍ତି । ଏହି ଆଲୋଚନାରେ ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ଏବଂ ତୃଣମୂଳ କଂଗ୍ରେସର ଅଭିଶେକ ବାନାର୍ଜୀ ଅଂଶଗ୍ରହଣ କରିଥିଲେ ।

ଅନୁରୂପ ଭାବେ ଏହି ବଜେଟ୍ ଉପରେ ଆଜି ରାଜ୍ୟସଭାରେ ମଧ୍ୟ ଆଲୋଚନା କରାଯାଇଛି । ଏଥିରେ ଶିବସେନା, ବିଜେପି, କଂଗ୍ରେସ ଓ ତୃଣମୂଳ କଂଗ୍ରେସର ସାଂସଦମାନେ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପରେ ସଂସଦର ଏହି ଉଚ୍ଚ ସଦନକୁ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

## କ୍ରିକେଟ୍-ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ଏ'ର ଏକ ମ୍ୟାଚ୍‌ରେ ଆଜି ନେଦରଲ୍ୟାଣ୍ଡ' ନାମିବିୟାକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନାମିବିୟା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୬ରନ୍ କରିଥିଲା । ୧୫୭ରନ୍ ବିଜୟ ଲକ୍ଷ୍ୟର ପିଛା କରି ନେଦରଲ୍ୟାଣ୍ଡ ୧୮ତମ ଓଭରରେ ବାସ୍ ଡି ଲିଡେସ୍‌ଙ୍କର ଅପରାଜିତ ୭୨ରନ୍ ସହାୟତାରେ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା ।

ସେହିଭଳି ଗ୍ରୁପ୍-ଡି'ର ଏକ ମ୍ୟାଚ୍‌ରେ ଆଜି ନ୍ୟୁଜିଲାଣ୍ଡ' ସଂଯୁକ୍ତ ଆରବ ଏମିରେଟସ୍ – ୟୁ.ଏ.ଇ.କୁ ୧୦ ୱିକେଟ୍‌ରେ ପରାସ୍ତ କରିଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ୟୁ.ଏ.ଇ. ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୩ରନ୍ କରିଥିଲା । ୧୭୪ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରି ନ୍ୟୁଜିଲାଣ୍ଡ ୧୫ ଓଭର ୨ଟି ବଲ୍‌ରେ କୌଣସି ୱିକେଟ୍ ନ ହରାଇ ବିଜୟ ଲାଭ କରିଛି ।

ଏହି ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ପାକିସ୍ତାନ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ମୁକାବିଲା ଜାରି ରହିଛି । ଏହି ମ୍ୟାଚ୍ କଲମ୍ବୋର ସିଂହାଲିସ୍ ସ୍ପୋର୍ଟସ୍ କ୍ଲବ୍‌ଠାରେ ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଛି । ଆମେରିକା ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।

## ଏଫ୍‌ଆଇଏଚ୍ ଇଣ୍ଡିଆ

ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍ ହକି ଚାମ୍ପିୟାନ୍‌ସିପ୍ ଆସନ୍ତାକାଲିଠାରୁ ଓଡ଼ିଶାର ରାଉରକେଲା ସ୍ଥିତ ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଆରମ୍ଭ ହେବ । ଆସନ୍ତାକାଲି ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ନିଜର ଅଭିଯାନ ଆରମ୍ଭ କରି ବେଲ୍‌ଜିୟମକୁ ଭେଟିବା ପରେ ଆସନ୍ତା ଗୁରୁବାର ଦିନ ଆର୍ଜେଣ୍ଟିନା

ବିପକ୍ଷରେ ଖେଳିବ । ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୨୧ ତାରିଖଠାରୁ ଅଷ୍ଟ୍ରେଲିଆର ତାସମାନିଆରେ ଆରମ୍ଭ ହେବ ।